ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ବର – ୭୫୧୦୦୩

Dr. T. R. Mohanty
Nodal Officer

ସପ୍ତାହ –୫୧

ନ.- ୧୨୭୯ (ଓଡିଆ ବୁଲେଟିନ)
ତାରିଖ- ୧୯ .୧୨ .୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## କେନ୍ଦ୍ରାପଡ଼ା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୩ .୧୨ .୨୦୨୫ ରୁ ୧୯ .୧୨ .୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 28.1 | 13.1 | Nil |

## ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୦ .୧୨. ୨୦୨୫ ରୁ ୨୪ .୧୨.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ & ଆକାଶର ସ୍ଥିତି | ପାଗ ଶୁଖିଲା ଓ ଆକାଶ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର |
| ସର୍ବାଧିକ ତାପମାତ୍ରା (°C) | 29 | 29 | 30 | 30 | 29 |
| ସର୍ବନିମ୍ନ ତାପମାତ୍ରା (°C) | 12 | 11 | 12 | 11 | 11 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | 85 | 85 | 84 | 80 | 79 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | 48 | 49 | 46 | 44 | 40 |
| ପବନର ବେଗ (କି.ମି./ଘ.) | 7 | 7 | 8 | 8 | 4 |
| ପବନର ଦିଗ | 326 | 313 | 349 | 322 | 304 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୪ ରୁ ୦୮ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯ ରୁ ୩୦ ଡିଗ୍ରୀ ସେଲସିଅସ ଓ ୧୧ - ୧୨ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି ।
- ବର୍ତମାନ ଡାଲୁଅ ଧାନର ତଳିଘେରା ପ୍ରସ୍ତୁତ ପାଇଁ ଉପଯୁକ୍ତ ସମୟ । ଏକ ଏକର ଧାନ ଚାଷ ପାଇଁ ୧୦ ଡେସିମାଲ ତଳିଘେରା ଆବଶ୍ୟକ ହୋଇଥାଏ ।
- ସକାଳ ଓ ସନ୍ଧ୍ୟା ସମୟରେ ରେ ଶୀତ ଦିନିଆ ପନିପରିବା ରେ ଜଳ ସେଚନ କରନ୍ତୁ ।
- ବର୍ତମାନ ତାପମାତ୍ରା କମ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରା ରେ ପୋଲିଥିନ ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।
- ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ ବସ୍ତା ରେ ଭର୍ତି କରି ସୁରକ୍ଷିତ ସ୍ଥାନ ଭଲ ଭାବରେ ଘୋଡାଇ ରଖନ୍ତୁ ।
- କୋବି ଜାତୀୟ ଫସଲ ରେ ୭-୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ।
- ଆଖୁ ଫସଲ କୁ ଜମି ପତନ ଠାରୁ ଏକ ଇଞ୍ଚ ତଳକୁ, ଯେପରକି ମାଟି ଉପରକୁ ଖୁଣ୍ଟା ଦେଖାଯିବ ନାହିଁ ,ସେହିପରି କାଟିଲେ ମୂଳି ଆଖୁ ଭଲ ଗଜା ହୁଏ, ଗଛ ସଂଖ୍ୟା ଠିକ ରହେ ଓ ଅମଳ ଠିକ ମିଳେ ।
- କମ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନ ରହିଛି । ତେଣୁ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ଏବଂ ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ ।
- ଶୀତ ଋତୁ ରେ ଅଧିକ ଥଣ୍ଡା ସମୟ ରେ ଗାଈ ଗୁହାଳ ରେ ପୋଲିଥିନ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଡାଲୁଅ ଧାନ | ବୁଣିବା ପୂର୍ବ ଅବସ୍ଥା | ❖ କିସମ ଚୟନ- ଡାଲୁଅ ଧାନ ଚାଷ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ସତ୍ୟଭାମା, ସହଭାଗୀ ଧାନ, ମନ୍ଦାକିନୀ, ମନସ୍ୱିନୀ, ଡି.ଆର.ଆର -୪୪, ବୀଣା-୧୧, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ଏମଟିୟୁ-୧୦୦୧ ଇତ୍ୟାଦି ଧାନ କିସମ ବ୍ୟବହାର କରନ୍ତୁ। ଉପକୂଳବର୍ତୀ ଲୁଣା ଜମି ପାଇଁ ଲୁଣା ଶଙ୍ଖୀ କିସମ ବ୍ୟବହାର କରନ୍ତୁ। <br>❖ ବିହନ ବିଶୋଧନ- ବିହନ ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ ଧାନ ବିହନ ରେ ୨ ଗ୍ରାମ Carbendazim କିମ୍ବା ୩ ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପିନାଶକ, ମିଶାଇ ବିଶୋଧନ କରନ୍ତୁ । |
| ଚିନାବାଦାମ: | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଧୂଆଁପତ୍ର ଗୋଟି ପୋକ- ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ସ୍ପୋଡୋଲିଓର ଥିବା ସଙ୍ଗ ଆକର୍ଷକ ଯନ୍ତା ରୁ ୬-୮ ଟି ରଖନ୍ତୁ । ହିଡ ରେ ଏକର ପ୍ରତି ୧୦ କିଲୋଗ୍ରାମ Chlorpyriphos ଗୁଣ୍ଡ କୀଟନାଶକ ପ୍ରୟୋଗ କରନ୍ତୁ। ଏକର ପ୍ରତି ୪୦୦ ମିଲି Novaluron ଓ Indoxacarb ର ମିଳିତ କୀଟନାଶକ କିମ୍ବା ୩୦୦ ମିଲି Lambda Cyhalothrin ନାମକ କୀଟନାଶକ କିମ୍ବା ୧୨୦ ଗ୍ରାମ Flubendiamide ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ମୁଗ ଓ ବିରି | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଜଉ ପୋକ ବର୍ତମାନ ସମୟରେ ମୁଗ ଓ ବିରି ଫସଲ ରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି । ଏହି ପୋକ ର ନିୟନ୍ତ୍ରଣ କରିବା ପାଇଁ ପ୍ରାଥମିକ ସ୍ତର ରେ ଏକର ପ୍ରତି ନିମ୍ବ ଆଧାରିତ ତେଲ ୧୫୦୦ ପିପିଏମ @ ୬୦୦ ମିଲି ସିଂଚନ କରନ୍ତୁ । ପରେ Thiamethoxam ୨୫ % W.G @ ୪୦ ଗ୍ରାମ କିମ୍ବା Acetamiprid ୨୦% S.P. @ ୫୦ ଗ୍ରାମ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | ଅମଳ ଅବସ୍ଥା | ❖ ଆଖୁ ଅମଳ ପାଇଁ ହାତ ବ୍ରିକ୍ସ ମିଟର ସାହାର୍ଯ୍ୟ ରେ ପରୀକ୍ଷା କରି ବ୍ରିକ୍ସ ମୂଲ୍ୟାଙ୍କ ୧୮ କିମ୍ବା ଅଧିକ ହେଲେ ଅମଳ କରିବା ଉଚିତ। ଆଖୁ ଫସଲକୁ ଜମି ପତନ ଠାରୁ ଏକ ଇଞ୍ଚ ତଳକୁ, ଯେପରିକି ମାଟି ଉପରକୁ ଖୁଣ୍ଟା ଦେଖାଯିବ ନାହିଁ, ସେହିପରି କାଟିଲେ ମୂଳି ଆଖୁ ରେ ଗଜା ହୁଏ, ଗଛ ସଂଖ୍ୟା ଠିକ ରହେ ଓ ଅମଳ ଠିକ ମିଳେ । ଆଖୁ ଅମଳ ପରେ ପେଡିବା ଡେରି କଲେ ଆଖୁର ଓଜନ କମିବା ସହିତ ଶକବରା ଅଂଶ କମିଯାଇଥାଏ । |
| କଖାରୁ ଜାତୀୟ ପନିପରିବା | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ନିମ୍ନମୁଖୀ ପାଉଁଶିଆ ରୋଗ- ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି **Metalaxyl ୮% + Mancozeb ୬୪% W.P @** ୪୦୦ ଗ୍ରାମ କିମ୍ବା **Fosetyl -AL ୮୦ % WP @** ୬୦୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଫୁଲ କୋବି | ଅଙ୍ଗୀୟ ଅଭିବୃଦ୍ଧି – ଫଳ ଧରିବା ଅବସ୍ଥା | ❖ କୋବି ଫସଲ ରେ ବୋରନ ଅଣୁସାର ଜନିତ ଗଠନଗତ ସମସ୍ୟା ର ପରିଚାଳନା ପାଇଁ ପ୍ରତି ୪ କିଲୋଗ୍ରାମ Borax କୁ ଶେଷ ଓଡ ଚାଷ ସମୟ ରେ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷ ସମୟ ରେ ଜମି ରେ ପ୍ରୟୋଗ କରିନଥିଲେ ଚାରା ରୋପଣ ର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ୨ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣି ରେ ୨.୫ଗ୍ରାମ ବୋରାକ୍ସ କିମ୍ବା ୧-୧.୫ଗ୍ରାମ ଫୋଲିବୋର କିମ୍ବା ସୋଲୁବୋର ମିଶାଇ ପତ୍ରସିଂଚନ କରନ୍ତୁ । |

| | | |
|---|---|---|
| ଟମାଟୋ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ପତ୍ର ପୋଡା ରୋଗ<br>ବର୍ତମାନ କମ ତାପମାତ୍ରା ରହୁଥିବାରୁ ଟମାଟୋ ରେ ପତ୍ର ପୋଡା ଲାଗିବାର ସମ୍ଭାବନା ଅଛି ।ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ Metalaxyl + Mancozeb ୪୦୦ ଗ୍ରାମ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ବିହନ ବିଶୋଧନ କରିବା ସମୟରେ ୩ ଗ୍ରାମ Trichoderma ୧ କେଜି ଟମାଟୋ ମଞ୍ଜି ରେ ଗୋଳାଇ ବିଶୋଧନ କରନ୍ତୁ । |
| ଆଳୁ: | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଜଉ ପୋକ ଓ ସବୁଜ ପତ୍ର ଡିଆଁ ପୋକ ପରିଚାଳନା-<br>ପ୍ରାଥମିକ ଅବସ୍ଥା ରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Dinotefuran ନାମକ କୀଟନାଶକ କିମ୍ବା ୬୦ ଗ୍ରାମ Flonicamid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। |
| ଗେଣ୍ଡୁ | ଅଙ୍ଗୀୟ ଅବସ୍ଥା - ଫୁଲ ଫୁଟିବା ଅବସ୍ଥା | ❖ ଉକୁଣିଆ ପୋକ: ନିୟନ୍ତ୍ରଣ ପାଇଁ ପ୍ରତି ୧ ଲିଟର ପାଣିରେ ୪ ମିଲି ଫିପ୍ରୋନିଲ ୫ % ଏସ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। ଏକର ପ୍ରତି ୮ ଟି ନୀଳ ରଙ୍ଗର ଜନ୍ତା ଲଗାନ୍ତୁ ।<br>❖ ଦହିଆ ପୋକ: ନିୟନ୍ତ୍ରଣ ପାଇଁ ପ୍ରତି ୧ ଲିଟର ପାଣିରେ ୨ ମିଲି ପ୍ରୋଫେନୋଫୋସ ୫୦% ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। |
| ପଶୁ ସମ୍ପଦ | ❖ ଶୀତଦିନେ PPR ରୋଗ 'ଛେଳିମହାମାରୀ' ଭାବରେ ମଧ୍ୟ ଜଣା ଶୁଣା । ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢା କୁ ପ୍ରଭାବିତ କରେ ଯାହା ହଠାତ୍, ନିମୋନିଆ ଏବଂ କାଶ ସୃଷ୍ଟି କରେ । ପ୍ରଭାବିତ ପଶୁ ମାନେ ଅସ୍ଥିର ଦେଖାଯାନ୍ତି, ଏକ ଅଳିଆ କୋଟ, ଶୁଖିଲା ମୁହଁ ଏବଂ ଉଦାସୀନ ଭୋକ ଏହି ରୋଗ ର ଲକ୍ଷଣ । ଗର୍ଭବର୍ତୀ ପ୍ରାଣୀ ଗର୍ଭ ପାତ କରି ପାରନ୍ତି । ତେଣୁ ପଶୁ ମାନଙ୍କୁ ଉଚିତ ଟୀକାକରଣ କରନ୍ତୁ । | |
| କୁକୁଡା | ❖ ଶୀତ ଋତୁ ରେ କୁକୁଡା ମାନଙ୍କୁ ଅଧିକ ପରିମାଣ ର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହ ରେ ୨୦୦ ୱାଟ ର ବଲବ ଲଗାନ୍ତୁ । କୁକୁଡା ମାନଙ୍କୁ ଉଚିତ ସମୟରେ ଟୀକା କରଣ କରନ୍ତୁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷିୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଆଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)